# ଆମେ ସବୁ ଓଡ଼ିଆଏ ଲଜ୍ଜିତ, ରଣ ପରିଶୋଧର ଏ କି ନମୁନା ?

ଗତକାଲିର ଅଖ୍ୟାତ ଗ୍ରାମ ମନୋହରପୁର ଆଜି କୁଖ୍ୟାତ । ଗତ ୨୨ ତାରିଖ ମଧ୍ୟରାତ୍ର ପରେପରେ ସେଠାରେ ସଂଘଟିତ ହୋଇଥିବା ହତ୍ୟାକାଂଡକୁ କିପରି ଭାବେ ଚିତ୍ରଣ କରାଯିବ ତାହା ହଠାତ୍ ଚିଂତା କରି ହେଉନାହିଁ ।

ମୁଖ୍ୟମଂତ୍ରୀଂକ ପାଖରେ ଏ ଆକ୍ରମଣକୁ ନିଂଦା କରିବା ପାଇଁ ଭାଷା ନଥିବା ବେଳେ ବିରୋଧୀ ନେତୃବୃଂଦଂକର ନିଂଦା ପ୍ରସ୍ତାବଗୁଡିକ ଖବର କାଗଜର ପୃଷ୍ଠା ମଂଡନ କରିବାକୁ ଲାଗିଲାଣି । ସେଗୁଡିକୁ ପଢ଼ିଲେ ମନେ ହେଉଛି ସତେ ଯେପରି ଏପରି ଏକ ଅଘଟନକୁ ସେମାନେ ନିଜ ନିଜ ଦୃଷ୍ଟିରୁ ଚାତକ ପରି ଅନାଇ ବସିଥିଲେ । ଗୁଜରାଟର ଗୀର୍ଜା ଗୁଡିକ ଉପରେ ଆକ୍ରମଣ ପରେ ସଂପ୍ରଦାୟବାଦର ପ୍ରଶ୍ନ ଆମ ସମସ୍ତଂକୁ ଆଂଦୋଳିତ କରୁଥିବା ବେଳେ ମନୋହରପୁରର ଏ ଆକ୍ରମଣ ଆମ ଦେଶର ଧର୍ମ ନିରପେକ୍ଷତାର ସାମାଜିକ ଭିତ୍ତିଭୂମିକୁ ପୁଣି ଥରେ ଦୋହଲାଇ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଘଟନାର ବିବରଣୀରୁ ଯାହା ଜଣାପଡୁଛି ସମୁଦାୟ ବ୍ୟାପାରଟି ଦୁଇଟି ଚରିତ୍ରକୁ ନେଇ ସୃଷ୍ଟି ହୋଇଛି । ପରେ ଆମେ ସବୁ ଭିନ୍ନ ଭିନ୍ନ କାରଣରୁ ସେଥିରେ ଛଂଦି ହୋଇଯାଇଛୁ । ସେ ଦୁଇଟି ଚରିତ୍ର ହେଲେ ଗ୍ରାହାମ ଷ୍ଟେନ୍ ଏବଂ ଦାରା ସିଂ । ଏ ଦୁହେଁ କିଏ ? କେଉଁଠୁ ଆସିଛଂତି ? କ'ଣ ତାଂକର ବୃତ୍ତି ବା ପେଶା ? ଏସବୁ ପ୍ରଶ୍ନର ଉତ୍ତର ଖୋଜି ଦୁହିଁଂକୁ ତୁଳନା କଲେ ଅଘଟନ ସଂପର୍କିତ ସାମାଜିକ ଚିତ୍ରଟି ସ୍ପଷ୍ଟ ହୋଇଯିବ । ଷ୍ଟେନ୍ ଥିଲେ ଜଣେ ଖ୍ରୀଷ୍ଟୀୟ ଧର୍ମ ପ୍ରଚାରକ । ୩୫ ବର୍ଷ ତଳେ ଅଷ୍ଟ୍ରେଲିଆରୁ ଓଡ଼ିଶାକୁ ଆସିଥିଲେ । ଦୁର୍ଗମ କେଂଦୁଝର, ମୟୂରଭଂଜ ଜିଲାରେ ଧର୍ମ ପ୍ରଚାର କରିବା ସଂଗେ ସଂଗେ ବାରିପଦାରେ ରହି ସହରରେ ସ୍ଥାପିତ କୁଷ୍ଠାଶ୍ରମରେ ରୋଗୀଂକର ସେବା କରୁଥିଲେ ।

## ଆମ ଘରର ହାଲଚାଲ

### ସୌମ୍ୟ ରଂଜନ ପଟ୍ଟନାୟକ

ବର୍ଷେ ଦୁଇ ବର୍ଷ ପାଇଁ ନୁହେଁ, ଦୀର୍ଘ ୩୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଆମ ଜନଜୀବନ ସହିତ ଓତପ୍ରୋତ ଭାବେ ଜଡିତ ଥିଲେ । ସ୍ଥାନୀୟ ରୋଟାରୀ କ୍ଲବର ସଂପାଦକ ମଧ୍ୟ ହୋଇଥିଲେ । ସେ କାଳେ ଏପରି ଓଡ଼ିଆ କହୁଥିଲେ ଯେ ଅଂଧ ଲୋକଟିଏ ତାଂକୁ ଶୁଣିଲା ପରେ ସେ ଅଷ୍ଟ୍ରେଲିଆରୁ ଆସିଛଂତି ବୋଲି ବିଶ୍ୱାସ କରିବ ନାହିଁ । କିଂତୁ ଦାରା ସିଂ ? ସେ କିଏ ? କେଉଁଠୁ ଆସିଛଂତି ? କାହିଁକି ଆସିଛଂତି ? ଓଡ଼ିଶାରେ ତାଂକର କାର୍ଯ୍ୟ କ'ଣ ? କେଉଁ ଶିଳ୍ପ ପ୍ରତିଷ୍ଠା କରିବାକୁ ସେ ଆସିଛଂତି ? ଏସବୁ ପ୍ରଶ୍ନର କୌଣସି ସଂତୋଷଜନକ ଉତ୍ତର ନାହିଁ । ବଜରଂଗ ଦଳର ସଂଗଠନ ନାମରେ ସେ ବିଷ ମଂଜି ବୁଣିବାକୁ ଆସିଚଂତି ବୋଲି କହିଲେ ବୋଧେ ଭୁଲ ହେବ ନାହିଁ । ଧର୍ମ ପ୍ରଚାରର ପ୍ରାସଂଗିକତାକୁ ନେଇ ଆମ ଭିତରେ ମତଭେଦ ଥାଇପାରେ । କିଂତୁ ଧର୍ମରକ୍ଷା ନାମରେ ଏପରି ବର୍ବର ଏବଂ କାପୁରୁଷୋଚିତ ଆକ୍ରମଣକୁ କେହି ସମର୍ଥନ କରିବେ ନାହିଁ । ଆମ ଭିତରୁ ଧର୍ମରକ୍ଷା କରିବା ପାଇଁ କେତେଜଣ ଜୀବନ ସାରା କୁଷ୍ଠରୋଗୀଂକ ସେବା କରିବାକୁ ପ୍ରସ୍ତୁତ ହେବେ ? ଏହା କ'ଣ ଏକ ପ୍ରାସଂଗିକ ପ୍ରଶ୍ନ ନୁହେଁ କି ?

ରାଜନୀତିକ ଦଳ ଏବଂ ନେତୃବୃଂଦଂକର ଏ ସଂପର୍କିତ ପ୍ରତିକ୍ରିୟା ଆମ ବିଚାରରେ ସବୁଠାରୁ ବେଶି ପ୍ରଣିଧାନଯୋଗ୍ୟ । ପ୍ରଧାନମଂତ୍ରୀ ବାଜପେୟୀ ଅବଶ୍ୟ ଆଜି ଏହାକୁ ନିଂଦା କରିଛଂତି । କିଂତୁ କାହିଁକି ଯେ ଏ ସଂପର୍କରେ ପୁଣି ଏକ ଜାତୀୟ ବିତର୍କ ଦରକାର ବୋଲି ନକହିବେ, ତାହା ଭରସା କରି କହିହେଉ ନାହିଁ । ଦୀର୍ଘ ଦିନ ଧରି ବିରୋଧୀ ଦଳରେ ରହି ବିତର୍କ କରିବା ତାଂକର ବୋଧହୁଏ ଏକ ଅଭ୍ୟାସ ହୋଇଯାଇଛି । ଶାସନ କରିବାର ଅଭ୍ୟାସ ଏ ପର୍ଯ୍ୟଂତ ହୋଇନାହିଁ । ଜନସାଧାରଣ କିଂତୁ ଶାସକମାନଂକଠାରୁ ଆଜି ବିତର୍କ ଚାହୁଁନାହାଂତି, ଦଳମତ ନିର୍ବିଶେଷରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଚାହୁଁଛଂତି । କେଂଦ୍ର ସରକାରଂକର କୋହଳ ମନୋଭାବ ଯେ ଆଜି ସାଂପ୍ରଦାୟିକ ଶକ୍ତିମାନଂକୁ ଉତ୍ସାହିତ କରୁଛି ଏବଂ ସାଧାରଣ ଜନତାର ଭରସା ତୁଟିଯାଉଛି, ଏକଥାକୁ ଯେ କେହି ହେଲେ ସ୍ୱୀକାର କରିବ । ବଜରଂଗ ଦଳର ଭୂମିକା ସଂପର୍କରେ ଯେଉଁ ସଂଦେହ ପ୍ରକାଶ ପାଇଛି ସେ ବିଷୟରେ ପ୍ରଧାନମଂତ୍ରୀଂକର କୌଣସି ବକ୍ତବ୍ୟ ନାହିଁ । ବଜରଂଗ ଦଳ ଏବଂ ତାଂକ ପୃଷ୍ଠପୋଷକମାନଂକ ବିଷୟରେ ଆଲୋଚନା କରି ସେମାନଂକୁ ଅଯଥା ମାନ୍ୟତା ଦେବାକୁ ଚାହୁଁନାହିଁ । କିଂତୁ ଶସ୍ତା ଭୋଟ ରାଜନୀତି ସର୍ବସ୍ୱ ଆମର ଜନନାୟକମାନେ ମୁଖ୍ୟମଂତ୍ରୀମାନଂକ ଇସ୍ତଫା ଦାବି କଲାବେଳେ ସଂଦେହଯୁକ୍ତ ଅନୁଷ୍ଠାନଗୁଡିକ ଉପରେ ନିଷେଧାଦେଶ ଲାଗୁ କରିବା ପାଇଁ ଦାବି କରିଥିଲେ ଅଧିକ ଗ୍ରହଣୀୟ ହୁଅଂତେ ।

ଓଡ଼ିଶାରେ ଆଜି ଆମେ ଓଡ଼ିଆଏ ସବୁଠାରୁ ବେଶି ଲଜ୍ଜିତ । ଆର.ଉଦୟଗିରିର ଅଘଟନ ଉପରାଂତ କଟାଘା' ନଶୁଖୁଣୁ ମନୋହରପୁରର ଏହି ଆକ୍ରମଣକୁ ନେଇ ମୁଂଡ ଟେକି ଚାଲିବା ସଂଭବ ହେଉନାହିଁ । ଗତକାଲି ପର୍ଯ୍ୟଂତ ଆମେ ଆମର ସାଂପ୍ରଦାୟିକ ସଦ୍ଭାବ ପାଇଁ ଗର୍ବ ଅନୁଭବ କରୁଥିଲୁ । ଜଗନ୍ନାଥଂକ ଭୂଇଁ ଓଡ଼ିଶା ସାରା ଭାରତକୁ ବାଟ ଦେଖେଇବ ବୋଲି କହୁଥିଲୁ । ଆମର ଆଉ କିଛି ଥାଉ ବା ନଥାଉ ଏବଂ ଆମେ ଯେତେ ଗରିବ ହେଲେ ମଧ୍ୟ ଜଗନ୍ନାଥଂକ ଅପାର କରୁଣାରୁ ଆମ ଭିତରେ ସର୍ବଧର୍ମ ସମନ୍ୱୟର ପ୍ରମାଣ କାଳେ କାଳେ ରହି ଆସିଛି । ଭକ୍ତ ସାଲବେଗ ଏବଂ ଦାସିଆ ବାଉରୀର କଥା । ଲୋକକଥା ବା କିଂବଦଂତୀ ନୁହେଁ, ଓଡ଼ିଶାର ପୁରପଲ୍ଲୀର ଏହା ଏକ ଜୀବଂତ ଅନୁଭବର କଥା । ବାଲେଶ୍ୱରର ଭୁଜାଖିଆ ପୀର, କାଇପଦରର ବୋଖାରୀ ବାବା ଏହାର ଅନ୍ୟ ଏକ ଚାକ୍ଷୁଷ ପ୍ରମାଣ । ଶେଷରେ ଉତ୍କଳ ଗୌରବ କୁଳବୃଦ୍ଧ ମଧୁସୂଦନ ଦାସଂକ ଜୀବନ ଏହାର ସର୍ବଶ୍ରେଷ୍ଠ ନିଦର୍ଶନ । ମଧୁବାବୁ ମଧ୍ୟ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ସ୍ୱତଂତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ନିଜେ ଦେବାଳିଆ ହୋଇଗଲେ ପଛେ ନିଜ ଜୀବଦ୍ଦଶାରେ ଓଡ଼ିଶାର ସ୍ୱାଭିମାନକୁ ସଂକୁଚିତ ହେବାକୁ ଦେଇନଥିଲେ । ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ ମଧ୍ୟ ଜଗନ୍ନାଥ ଏବଂ ତାଂକର ସଂପତ୍ତିର ମାଲିକାନା ପ୍ରତି ଯେତେବେଳେ ଆଇନଗତ ବିପଦ ଆସିଲା, ସେତେବେଳେ ମଧୁ ବାରିଷ୍ଟର ବିନା ଫିସ୍‌ରେ ଜଗନ୍ନାଥଂକ ମୋକଦ୍ଦମା ଲଢ଼ିଥିଲେ । ସେଥିପାଇଁ ଆମେ ସବୁ ଓଡ଼ିଆଏ ଏବଂ ଜଗନ୍ନାଥଂକର ଭକ୍ତମାନେ ମଧୁବାବୁଂକ ପ୍ରତି ...କମ ଋଣୀ । ଋଣ ପରିଶୋଧ ଆମର ଏକ ସଂମୃଦ୍ଧ ପରଂପରା । କିଂତୁ ମନୋହରପୁର କ'ଣ ସେ ଋଣ ପରିଶୋଧର ଉପଯୁକ୍ତ ନମୁନା ?